# NATIONAL NEWS BULLETIN (ODIA)
## 15 September - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସାନ୍ଥାଲ ପ୍ରଗଣା ଏବଂ କୋଲହାନ ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ମିଲାଦ ଉନ ନବୀର ପୂର୍ବ ସନ୍ଧ୍ୟାରେ ମୁସଲମାନ ସମ୍ପ୍ରଦାୟ ସମେତ ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଇସ୍ତଫା ଘୋଷଣା ତାଙ୍କ ବିରୋଧରେ ଥିବା ଦୁର୍ନୀତି ଅଭିଯୋଗର ସ୍ୱୀକାର ବୋଲି ବିଜେପିର ଅଭିଯୋଗ ।
- ପଶ୍ଚିମବଙ୍ଗ ଆର୍.ଜି.କର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ତିନିଦିନିଆ ସିବିଆଇ ହଜାତକୁ ଗଲେ ପୂର୍ବତନ ଅଧକ୍ଷ ସନ୍ଦୀପ ଘୋଷ ଓ ଜଣେ ପୁଲିସ ଅଧିକାରୀ ।

ଏବଂ

- କକ୍ଷ ପଥରେ ପାଞ୍ଚ ଦିନ ରହିବା ପରେ ଚାରି ମହାକାଶଚାରୀଙ୍କୁ ନେଇ ସଫଳତାର ସହ ପ୍ରତ୍ୟାବର୍ତ୍ତନ କଲା ସ୍ପେଶ୍ ଏକ୍ସ କୁ ପୋଲାରିସ୍ ଡନ୍ ।

# ପିଏମ୍-ଜାମସେଦପୁର ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସାନ୍ଥାଲ ପ୍ରଗଣା ଏବଂ କୋଲହାନ ଅଞ୍ଚଳର ଜନସଂଖ୍ୟା ଦ୍ରୁତ ଗତିରେ ବଦଳୁଛି। ସେହି ସବୁ ଅଞ୍ଚଳରେ ରୋହିଙ୍ଗ୍ୟା ଓ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଠାରୁ ବିପଦ ରହିଥିବା ବେଳେ ଆଦିବାସୀ ଜନସଂଖ୍ୟା ହ୍ରାସ ପାଉଛି ଓ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଜାମସେଦପୁରର ଗୋପାଳ ମଇଦାନଠାରେ ପରିବର୍ତ୍ତନ ମହା ସମାବେଶକୁ ସମ୍ବୋଧିତ କରି ସେ ଏହା କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଜେ.ଏମ.ଏମ, ଆର.ଜେ.ଡି ଏବଂ କଂଗ୍ରେସ ଭୋଟ୍ ବ୍ୟାଙ୍କ ରାଜନୀତି କରୁଛନ୍ତି ଏବଂ କ୍ଷମତା ଲୋଭ ଏହି ଦଳଗୁଡ଼ିକର ଏଜେଣ୍ଡା ପାଲଟିଛି । ଜେ.ଏମ.ଏମ, ଆର.ଜେ.ଡି ଏବଂ କଂଗ୍ରେସକୁ ଝାଡ଼ଖଣ୍ଡର ସବୁଠାରୁ ବଡ଼ ଶତ୍ରୁ ବୋଲି ଅଭିହିତ କରି ଶ୍ରୀ ମୋଦି କହିଛନ୍ତି, ଚଳିତ ବର୍ଷ ଶେଷଭାଗରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ବିଜେପି କ୍ଷମତା ଅକ୍ତିଆର କରିବ।

ଆଜି ଝାଡ଼ଖଣ୍ଡ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬ଟି ବନ୍ଦେଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି । ରାଞ୍ଚି ବିମାନବନ୍ଦରଠାରେ ଭର୍ଚୁଆଲ ମାଧ୍ୟମରେ ପତାକା ଦେଖାଇ ଏହି ଟ୍ରେନ୍‌ଗୁଡ଼ିକର ଚଳାଚଳ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ। ସେଗୁଡ଼ିକ

ମଧ୍ୟରେ ବ୍ରହ୍ମପୁର-ଟାଟାନଗର, ରାଉରକେଲା-ହାୱ୍ରାଡ଼ା-ଟାଟାନଗର, ବାରଣାସୀ-ଦେଓଘର, ଟାଟାନଗର-ପାଟନା, ହାଓ୍ବଡ଼ା-ଧନବାଦ-ଗୟା, ହାଓ୍ବଡ଼ା-ଡୁମ୍କା-ଭାଗଲପୁର ବନ୍ଦେଭାରତ ଟ୍ରେନ୍ ରହିଛି । ପ୍ରବଳ ବର୍ଷା ଯୋଗୁଁ ରାଞ୍ଚି ବିମାନବନ୍ଦରରୁ ଜାମସେଦପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କର ହେଲିକପ୍ଟର ଯୋଗେ ଗସ୍ତ ସମ୍ଭବ ହୋଇପାରି ନଥିଲା । ଫଳରେ ପ୍ରଧାନମନ୍ତ୍ରୀ ରାଞ୍ଚି ବିମାନବନ୍ଦରରେ ଭର୍ଚୁଆଲ ମାଧମରେ ଏହି ଟ୍ରେନ୍ ଗୁଡ଼ିକର ଚଳାଚଳର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଝାଡ଼ଖଣ୍ଡ ଏବଂ ଏହାର ପଡୋଶୀ ରାଜ୍ୟ ଗୁଡ଼ିକର ଆର୍ଥିକ ଏବଂ ସାଂସ୍କୃତିକ ଉନ୍ନତିରେ ଏହି ବନ୍ଦେଭାରତ ଟ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ । ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଏହା ସହାୟତା ପ୍ରଦାନ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଝାଡ଼ଖଣ୍ଡର ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଝାଡ଼ଖଣ୍ଡରେ ୬୬୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବା ସହ ପିଏମ୍ ଆବାସ ଗ୍ରାମୀଣ ଯୋଜନାର ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ, ଆସନ୍ତା ୫ବର୍ଷ ମଧ୍ୟରେ ୨କୋଟି ଅତିରିକ୍ତ ଗୃହ ନିର୍ମାଣ କରାଯିବ । ଏହି ଯୋଜନାରେ ଆଦିବାସୀ, ଦିବ୍ୟାଙ୍ଗ, ପଛୁଆବର୍ଗ ଏବଂ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ । ପିଏମ୍ ଆବାସ ଯୋଜନା ଅଧୀନରେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।

## ପ୍ରେସିଡେଣ୍ଟ ମିଲଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମିଲାଦ ଉନ ନବୀର ପୂର୍ବସନ୍ଧ୍ୟାରେ ମୁସଲମାନ ସମ୍ପ୍ରଦାୟ ସମେତ ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଫେଟ୍ ମହମ୍ମଦଙ୍କ ଜନ୍ମଦିନକୁ ମିଲାଦ-ଉନ-ନବୀ ଭାବରେ ପାଳନ କରାଯାଏ ।

ରାଷ୍ଟ୍ରପତି ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି, ପ୍ରଫେଟ ମହମ୍ମଦ ସମସ୍ତଙ୍କୁ ପ୍ରେମ ଏବଂ ଭାଇଚାରାର ଭାବନାକୁ ସୁଦୃଢ଼ କରିବାକୁ ପ୍ରେରଣା ଦେଇଥିଲେ ଏବଂ ସମାଜରେ ସମାନତା ଓ ସୌହାର୍ଦ୍ଦ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ପ୍ରତି ଦୟାଶୀଳ ହୋଇ ମାନବିକତାର ସେବା କରିବାକୁ ସେ ଲୋକଙ୍କୁ ଉତ୍ସାହିତ କରିଥିଲେ। ପବିତ୍ର କୋରାନର ଶିକ୍ଷାକୁ ଗ୍ରହଣ କରି ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ ପାଇଁ ସଂକଳ୍ପ ନେବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

# ଦିଲ୍ଲୀ ସିଏମ୍-ରେଜିନେସନ୍

ଆସନ୍ତା ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଘୋଷଣା କରିଛନ୍ତି । ସେ କହିଛନ୍ତି, ଦିଲ୍ଲୀର ଆଗାମୀ ମୁଖ୍ୟମନ୍ତ୍ରୀ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ ଲାଗି ଆମ୍ ଆଦ୍‌ମୀ ପାର୍ଟି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହେବ । ଶ୍ରୀ କେଜରିୱାଲ ଦାବି କରିଛନ୍ତି, ଆସନ୍ତା ବର୍ଷ ଫେବୃଆରୀରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ, ଚଳିତ ବର୍ଷ ନଭେମ୍ବରରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସହ କରାଯାଉ । ଦିଲ୍ଲୀରେ ଦଳୀୟ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବୋଧିତ କରି ଶ୍ରୀ କେଜରିୱାଲ କହିଛନ୍ତି, ଯେ ପର୍ଯ୍ୟନ୍ତ ଲୋକମାନେ ସେମାନଙ୍କ ନିଷ୍ପତ୍ତି ଜଣାଇନାହାଁନ୍ତି ସେ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ପଦରେ ରହିବେ ନାହିଁ । ସୂଚନାଯୋଗ୍ୟ, ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଗତ ଶୁକ୍ରବାର ଦିନ କେଜରିୱାଲଙ୍କୁ ଜାମିନ ପ୍ରଦାନ କରିଥିଲେ ।

# ବିଜେପି-କେଜରିୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଇସ୍ତଫା ଘୋଷଣା ତାଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ସିଧାସଳଖ ସ୍ୱୀକାର ବୋଲି ବିଜେପି ଅଭିଯୋଗ କରିଛି । ରବିବାର ଅପରାହ୍ନରେ ଦିଲ୍ଲୀସ୍ଥିତ ବିଜେପି

ମୁଖ୍ୟାଳୟରେ ଗଣମାଧ୍ୟମକୁ ସମ୍ବୋଧିତ କରି ଦଳୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ଦାବି କରିଛନ୍ତି, କେଜ୍ରିଓ୍ୱାଲଙ୍କ ଇସ୍ତଫା କେବଳ ଏକ ରାଜନୈତିକ ପଦକ୍ଷେପ ନୁହେଁ ବରଂ ତାଙ୍କ ଦଳର ଆଭ୍ୟନ୍ତରୀଣ ଅସ୍ଥିରତାର ପରିଣାମ।

ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚ୍ଚଦେବା ଅଭିଯୋଗ କରିଛନ୍ତି, କେଜ୍ରିଓ୍ୱାଲଙ୍କ ସଚ୍ଚୋଟତା ଦାବି କରିବା ନିରର୍ଥକ। ଯଦି ଅରବିନ୍ଦ କେଜ୍ରିଓ୍ୱାଲ ମଦ ନୀତି ଦୁର୍ନୀତିରେ ସମ୍ପୃକ୍ତ ନଥିଲେ, ତେବେ ଦିଲ୍ଲୀ ଅବକାରୀ ନୀତି କାହିଁକି ପ୍ରତ୍ୟାହାର କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ କେଜରିଓ୍ୱାଲଙ୍କ ଇସ୍ତଫା ଘୋଷଣା କେବଳ ନିଜ ଭାବମୂର୍ତ୍ତି ସଜାଡ଼ିବା ଲାଗି ଚେଷ୍ଟା ବୋଲି ଦଳୀୟ ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି। ସେ କହିଛନ୍ତି, କେଜରିଓ୍ୱାଲ ଦିଲ୍ଲୀବାସୀଙ୍କ ପାଇଁ ଆଉ ଆଦର୍ଶ ନେତା ହୋଇ ନାହାଁନ୍ତି ବୋଲି ସେ ଜାଣିସାରିଛନ୍ତି।

## କୋଲକାତା-ସନ୍ଦୀପ ଘୋଷ

ପଶ୍ଚିମବଙ୍ଗରେ ଆର୍.ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷ ଓ ତଲା ଥାନାର ପୂର୍ବତନ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ୩ ଦିନିଆ ସିବିଆଇ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କୁ ଆଜି ସିଆଲଦା କୋର୍ଟରେ ହାଜର କରାଯାଇଥିଲା।

ସୂଚନାଯୋଗ୍ୟ, ଆର୍.ଜି. କର ଦୁଷ୍କର୍ମ ଓ ହତ୍ୟା ମାମଲାରେ ସିବିଆଇ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧରେ ପ୍ରମାଣ ନଷ୍ଟ କରିବା ଏବଂ ଏତଲା ରୁଜୁ କରିବାରେ ବିଳମ୍ବ ଅଭିଯୋଗ ହୋଇଥିଲା।

## ଭାଇସ ପ୍ରେସିଡେଣ୍ଟ– ଡିଜିଟାଲ ଟାୱାର

କେବଳ ସରକାରୀ ଚାକିରିରେ ନୁହେଁ, ବୈଷୟିକ ଜ୍ଞାନକୌଶଳରେ ଥିବା ସୁଯୋଗକୁ ଅନୁସନ୍ଧାନ କରିବାକୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଡିଜିଟାଲ ଟାୱାର ଭଳି ଭିତ୍ତିଭୂମି ଏଭଳି ସୁଯୋଗର ପ୍ରବେଶ ଦ୍ୱାର ବୋଲି ସେ କହିଛନ୍ତି। ନାଗପୁରର ରାମଦେଓ ବାବା ବିଶ୍ୱବିଦ୍ୟାଳୟରେ ଡିଜିଟାଲ ଟାୱାର ଉଦ୍‌ଘାଟନ ପରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ଏହା କହିଛନ୍ତି। ଏହି ଅବସରରେ ମହାରାଷ୍ଟ୍ରର ରାଜ୍ୟପାଳ ସି.ପି ରାଧାକ୍ରିଷ୍ଣନ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, ପଞ୍ଜାବର ପୂର୍ବତନ ରାଜ୍ୟପାଳ ବନୱାରୀଲାଲ ପୁରୋହିତ ଉପସ୍ଥିତ ଥିଲେ । କମ୍ପ୍ୟୁଟର ବିଜ୍ଞାନ ଓ ଇଞ୍ଜିନିୟରିଂର ଆବଶ୍ୟକତାକୁ ପୂରଣ କରିବା ପାଇଁ ୧୨ ମହଲା ବିଶିଷ୍ଟ ଡିଜିଟାଲ୍ ଟାୱାରରେ ଆଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଡିଜିଟାଲ କ୍ଲାସରୁମ୍ ରହିଛି।

କୃତ୍ରିମ ବୁଦ୍ଧିମତା, ମେସିନ୍ ଲର୍ଣ୍ଣିଂ ଏବଂ ବ୍ଲକ୍‌ଚେନ୍ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ ଉପରାଷ୍ଟ୍ରପତି କହିଛନ୍ତି, ଏହି ଜ୍ଞାନକୌଶଳର ଆହ୍ୱାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ସୁଯୋଗରେ ପରିଣତ କରିବାକୁ ପଡ଼ିବ। ସେ ଏହା ମଧ୍ୟ କହିଛନ୍ତି, କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ସବୁଜ ହାଇଡ୍ରୋଜେନ ଅଭିଯାନ ଭଳି ବୈଷୟିକ ଜ୍ଞାନକୌଶଳ ଆଗାମୀ ଦିନରେ ଦୃଶ୍ୟପଟ୍ଟ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଏହି ଅବସରରେ ଉପରାଷ୍ଟ୍ରପତି ଓ ତାଙ୍କ ପତ୍ନୀ ଡକ୍ଟର ସୁଦେଶ ଧନଖଡ଼ ବିଶ୍ୱବିଦ୍ୟାଳୟ ପରିସରରେ 'ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ।

## ସ୍ପେଶ୍ ଏକ୍ସ କ୍ରୁ-ରିଟର୍ଣ୍ଣ

କକ୍ଷ ପଥରେ ୫ ଦିନ ରହିବା ପରେ ସ୍ପେସ୍ ଏକ୍ସ କ୍ରୁ ପୋଲାରିସ୍ ଡନ୍ ୪ ଜଣ ମହାକାଶଚାରୀଙ୍କୁ ନେଇ ସଫଳତାର ସହ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିଛି। ଏହି ଡ୍ରାଗନ୍ କ୍ୟାପସୁଲ୍ ଫ୍ଲୋରିଡା ଉପକୂଳରେ ଅବତରଣ କରିଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ କ୍ରୁ ସଦସ୍ୟମାନେ ଅନେକ ବୈଜ୍ଞାନିକ ଏବଂ ବୈଷୟିକ ପରୀକ୍ଷଣ କରିଥିଲେ ।

ଆମେରିକାର ମହାକାଶ ସଂସ୍ଥା ନାସା କହିଛି, ଏହି ଅଭିଯାନ ବାଣିଜ୍ୟିକ ମହାକାଶ ଶିଳ୍ପ ପାଇଁ ଏକ ବଡ଼ ପଦକ୍ଷେପ।

## ଇଣ୍ଡିଆ-ଆସିଷ୍ଟାନ୍ସ

କାମ୍ବୋଡିଆ ଓ ଭିଏତନାମରେ ସାମୁଦ୍ରିକ ଝଡ଼ 'ୟାଗି' ପ୍ରଭାବରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ପରବର୍ତ୍ତୀ ପରିସ୍ଥିତି ନିମନ୍ତେ ଭାରତ ମାନବିକ ସହାୟତା ପଠାଇଛି। ଭାରତୀୟ ବାୟୁସେନାର ବିମାନ ସି-17 ଗ୍ଲୋବମାଷ୍ଟରରେ ମାନବିକ ସହାୟତା ଏବଂ ରିଲିଫ ସାମଗ୍ରୀ ପଠାଯାଇଛି। ଜଳ ଶୁଦ୍ଧିକରଣ ସାମଗ୍ରୀ, ପାଣି ପାତ୍ର, କମ୍ବଳ, ରୋଷେଇ ବାସନ, ସୋଲାର ଲଣ୍ଠନକୁ ମିଶାଇ ୩୫ ଟନ୍ ସହାୟତା ଭିଏତନାମକୁ ପଠାଯାଇଛି। ସେହିପରି ଜେନସେଟ୍, ପାଣି ଶୁଦ୍ଧିକରଣ ସାମଗ୍ରୀ, ପରିମଳ ସାମଗ୍ରୀ, ମଶାଦାନୀ, କମ୍ବଳ ଓ ଶୋଇବା ବ୍ୟାଗ୍‌କୁ ମିଶାଇ ୧୦ ଟନ୍ ସହାୟତା କାମ୍ବୋଡିଆକୁ ପଠାଯାଇଛି। ହିଣ୍ଡନ ବାୟୁସେନା ଷ୍ଟେସନରେ ସି-17 ଗ୍ଲୋବମାଷ୍ଟର ବିମାନରେ ମାନବିକତା ସହାୟତା ଉପକରଣ ଲୋଡ଼ କରାଯାଇଥିଲା।

## ୟୁରୋପ- ଫ୍ଲଡ୍

ସାମୁଦ୍ରିକ ଝଡ଼ ବୋରିସ୍ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ସମଗ୍ର କେନ୍ଦ୍ରୀୟ ଓ ପୂର୍ବ ୟୁରୋପରେ ବ୍ୟାପକ କ୍ଷୟକ୍ଷତି କରିଛି। ପୋଲାଣ୍ଡରୁ

ରୋମାନିଆ ପର୍ଯ୍ୟନ୍ତ ପ୍ରାୟ ସମସ୍ତ ନଦୀ ଗୁଡ଼ିକରେ ଜଳସ୍ତର ବିପଦ ସଙ୍କେତଠାରୁ ଉପରେ ପ୍ରବାହିତ ହେଉଛି। ଚେକ୍ ଗଣତନ୍ତ୍ର ଏବଂ ପୋଲାଣ୍ଡର କିଛି ଅଂଶ ପ୍ରାୟ ତିନି ଦଶନ୍ଧି ମଧ୍ୟରେ ସବୁଠାରୁ ଭୟଙ୍କର ବନ୍ୟାର ସମ୍ମୁଖୀନ ହୋଇଛି।

ଚେକ୍ ଗଣତନ୍ତ୍ରରେ ପ୍ରବଳ ପବନ ଓ ବର୍ଷା ଯୋଗୁଁ ଅଢ଼େଇ ଲକ୍ଷ ଘର ବିଜୁଳି ସଂକଟର ସମ୍ମୁଖୀନ ହୋଇଛି। ବନ୍ୟା ଯୋଗୁଁ ଦେଶର ଉତ୍ତରାଞ୍ଚଳର ୫୧ ହଜାର ପରିବାର ବିଜୁଳି ଶକ୍ତିରୁ ବଞ୍ଚିତ ହୋଇଛନ୍ତି। ଗତକାଲି ରୋମାନିଆରେ ବନ୍ୟା ଭୟଙ୍କର ରୂପ ଧାରଣ କରିଥିବା ବେଳେ ଦକ୍ଷିଣ-ପୂର୍ବାଞ୍ଚଳ ଗାଲାଟିରେ ବନ୍ୟାରେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା।

ପୋଲାଣ୍ଡର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ କ୍ଲୋଜୋକୋ କାଉଣ୍ଟି ଅଞ୍ଚଳରେ ଆଜି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେଠାରେ ୧୬୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

## ହାଇତି-ବିସ୍ଫୋଟ

ହାଇତିରେ ତେଲ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ୧୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ ଜଣ ଆହତ ହୋଇଛନ୍ତି। ସେଠାକାର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ଟ୍ୟାଙ୍କରରୁ ଅବୈଧ ଉପାୟରେ ତେଲ ବାହାର କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଏହି

ବିସ୍ଫୋରଣରେ ଆହତ ହୋଇଥିବା ଲୋକମାନଙ୍କ ଅବସ୍ଥା ସଂକଟାପନ୍ନ ଥିବା କୁହାଯାଇଛି। ହାଇତି ପ୍ରଧାନମନ୍ତ୍ରୀ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖାଯାଇଛି।